# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ନୋହ ଏବଂ ମହାପ୍ରଳୟ ଜଳପ୍ଲାବନ


ଲେଖକ: Edward Hughes
ଦୃଷ୍ଟାନ୍ତ: Byron Unger; Lazarus
ଅନୁବାଦକ: Prasanta Bhuyan
ଉପଯୋଜକ: M. Maillot; Tammy S.


କାହାଣି ୬୦ ରୁ ୩


**www.M1914.org**

***Bible for Children,*** *PO Box 3, Winnipeg, MB R3C 2G1 Canada*



ଅନୁମତି ସ୍ୱତ୍ତ୍ୱ: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,
ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।


ଓଡ଼ିଆ

Oriya

ନୋହ ଜଣେ ବ୍ୟକ୍ତି, ଯିଏ ସଦାପ୍ରଭୁଙ୍କ ଆରାଧନା କରୁଥିଲେ । ପ୍ରତ୍ୟେକ ମନୁଷ୍ୟ ପରମେଶ୍ୱରଙ୍କୁ ଘୃଣା ଓ ଅମାନ୍ୟ କଲେ । ଦିନେ, ପରମେଶ୍ୱର ଏକ ଭୟଙ୍କର ବିଷୟ କହିଲେ ।

ପରମେଶ୍ୱର ନୋହଙ୍କୁ କହିଲେ । ମୁଁ ଏହି ପାପିଷ୍ଠ ଜଗତତକୁ ବିନାଶ କରିବି । କେବଳ ତୁମ୍ଭର ପରିବାର ହିଁ ମହା ପ୍ରଳୟ ଜଳପ୍ଲାବନରୁ ଉଦ୍ଧାର ପାଇବ ।





ସଦାପ୍ରଭୁ ପରମେଶ୍ୱର ନୋହଙ୍କୁ ସତର୍କ କରାଇ କହିଲେ, ଏକ ମହାପ୍ରଳୟ ଜଳପ୍ଲାବନ ଆସି ପୃଥିବିକୁ ଘୋଡ଼ାଇବ । ସଦାପ୍ରଭୁ ପରମେଶ୍ୱର ନୋହଙ୍କୁ ଆଦେଶ କରି କହିଲେ ତୁମ୍ଭେ କାଠରେ ଏକ ବଡ଼ ଜାହାଜ ନିର୍ମାଣ କର ଯେଉଁଥିରେ ତୁମ୍ଭର ପରିବାର ଓ ଅନେକ ପଶୁ, ପକ୍ଷୀ ଗୁଡ଼ିକ ବାସ କରିପାରିବେ ।




ଆଉ ସଦାପ୍ରଭୁ ସଠିକ ଭାବରେ ନୋହଙ୍କୁ ଶିକ୍ଷାପ୍ରଦାନ କଲେ । ତହିଁରେ ନୋହ କାର୍ଯରେ ବ୍ୟସ୍ତ ହେଲେ ।
3


ଲୋକମାନେ ନୋହଙ୍କୁ ପରିହାସ କରିଥାଇ ପାରନ୍ତି, ମାତ୍ର ସେ ଲୋକମାନଙ୍କୁ ବ୍ୟାଖ୍ୟା କରି କହୁଥିଲେ ଯେ ସେ କଣପାଇଁ ଜାହାଜ
ନିର୍ମାଣ କରୁଛନ୍ତି । ନୋହ ସେ ପ୍ରକାରେ ଜାହାଜ ନିର୍ମାଣ କରିଚାଲିଲେ । ନୋହ ମଧ୍ୟ ସଦାପ୍ରଭୁଙ୍କ ବିଷୟରେ ଲୋକମାନଙ୍କୁ କହିଚାଲିଲେ । ଆଉ କେହି ମଧ୍ୟ ନୋହଙ୍କୁ ଶୁଣିଲେ ନାହିଁ ।
4


ନୋହଙ୍କର ବଡ଼ ବିଶ୍ୱାସ ଥିଲା । ଯଦିବା ପୁର୍ବରୁ କେବେହେଁ ବୃଷ୍ଟିପାତ ହୋଇନଥିଲା ତଥାପି ସେ ପରମେଶ୍ୱରଙ୍କୁ ବିଶ୍ୱାସ କଲେ । ଅନ୍ୟାନ୍ୟ ଆବଶ୍ୟକତାମାନ ଭର୍ତ୍ତି କରିବାକୁ ଜାହାଜ ଶିଘ୍ର ପ୍ରସ୍ତୁତ ହେଲା ।
5


ବର୍ତ୍ତମାନ ପଶୁପକ୍ଷୀମାନେ ଆସିଲେ । ସଦାପ୍ରଭୁ ପରମେଶ୍ୱର ପ୍ରତ୍ୟକ ଶୁଚି ପଶୁ ଜାତିର ସାତ ଦ ତିକୁ ଆଣିଲେ, ଅନ୍ୟାନ୍ୟରୁ କେବଳ ଦୁଇଟି । ଛୋଟ ଏବଂ ବଡ଼ପକ୍ଷୀ, ଗେଡ଼ା ଏବଂ ଡେଙ୍ଗା ପଶୁ ଜାହାଜକୁ ଅସିଗଲେ ।
6


ଏହାହୋଇପାରେ ଲୋକମାନେ ନୋହଙ୍କୁ ପରିହାସ ଓ ଅପମାନ କରିଥିବେ, ଯେତେବେଳେ ନୋହ ସର୍ବପ୍ରକାର ଜୀବଜନ୍ତୁ ଯୋଡ଼ା ଯୋଡ଼ା ଦ ତିକ୍ରମେ ଜାହାଜରେ ଭର୍ତ୍ତି କଲେ ।
7


ସେମାନେ ପରମେଶ୍ୱରଙ୍କ ବିରୁଦ୍ଧରେ ପାପ କରିବା ବନ୍ଦ କଲେ ନାହିଁ । ଏବଂ ଜାହାଜରେ ପ୍ରବେଶ କରିବାକୁ ମଧ୍ୟ ସେମାନେ ନୋହଙ୍କୁ ପଚାରିଲେ ନାହିଁ ।
8


ଅନ୍ତିମରେ, ଅନେକ ପ୍ରକାର ପଶୁ
ପକ୍ଷୀମାନେ ଜାହାଜ ଭିତରକୁ
ଆସିଲେ । ଜାହାଜ
ଭିତରକୁ ଆସିବାକୁ,
ପରମେଶ୍ୱର
ନୋହଙ୍କୁ ଆମନ୍ତ୍ରଣ
କଲେ । ତୁମ୍ଭେ ଏବଂ
ତମ୍ଭର ପରିବାର । ।
ନୋହ ଏବଂ ତାଙ୍କରି ଭାର୍ଯ୍ୟା,
ତାଙ୍କର ତିନିପୁତ୍ର, ପୁଣି ସେମାନଙ୍କ
ସହିତ ସେମାନଙ୍କର ଭାର୍ଯ୍ୟା ଜାହାଜରେ
ପ୍ରବେଶ କଲେ । ତହିଁରେ ଅନନ୍ତର
ସଦାପ୍ରଭୁ ପରମେଶ୍ୱର ପାର୍ଶଦ୍ୱାର ବନ୍ଦ କଲେ ।
9


ସେତେବେଳେ
ବୃଷ୍ଟିପାତ ହେଲା । ଅନନ୍ତର ଚାଳିଶ
ଦିନ ଏବଂ ରାତ୍ରି ଅତ୍ୟାଧିକ ବୃଷ୍ଟିପାତ ହୋଇ
ପୃଥିବୀକୁ ସ୍ମୁର୍ଣ୍ଣଭାବେ ଓଦା କରିଦେଲା ।
10


ଜଳ ପ୍ଲାବନ
ସମଗ୍ର ଗ୍ରାମ୍ୟାଞ୍ଚଳ
ଏବଂ ସହର ମାନଙ୍କରେ
ବିସ୍ତୃତ ହେଲା । ଯେତେବେଳେ ବୃଷ୍ଟିପାତ
ଥମିଗଲା, ସେହି ସମୟରେ ଉଚ୍ଚତମ ପାହାଡ଼
ଗୁଡ଼ିକ ସୁଧା ପାଣି ଭିତରେ ବୁଡ଼ିଥିଲେ । ନିଶ୍ୱାସ
ପ୍ରସ୍ୱାସ ଧାରି ସମସ୍ତଙ୍କର ମୃତ୍ୟୁ ହେଲା ।
11


ଯେପରି ଜଳ ବୃଦ୍ଧି ପାଇଲା, ଜାହାଜ
ପାଣି ଉପରେ ଭାସିଲା । ଏହାର ଭିତର
ପାର୍ଶ୍ୱ ଅନ୍ଧକାର, ବୋଧହୁଏ ଧକଚକିଆ
ଓ ଭୟାବହ ହୋଇ ଥାଇପାରେ ।
କିନ୍ତୁ ନୋହଙ୍କ ଆଶ୍ରୟ ସ୍ଥାନ ବନ୍ୟାରୁ
ନିରାପଦ ଥିଲା ।
12


ଜଳ ପ୍ଲାବନର ପାଞ୍ଚମାସ ପରେ, ସଦାପ୍ରଭୁ
ପରମେଶ୍ୱର ସୁଖିଲା ବାୟୁ ବୁହାଇଲେ, ତହିଁରେ ଜଳ
ଥମିଗଲା, ପୁଣି ଆରାରୋଟ ପର୍ବତ ଉପରେ ଜାହାଜ
ରହିଗଲା । ଯେପର୍ଯ୍ୟନ୍ତ ଜଳର ହ୍ରାସ ପାଇଲା
ନାହିଁ । ନୋହ ଅନନ୍ତର ଚାଳିଶ ଦିନ
ପର୍ଯ୍ୟନ୍ତ ଜାହାଜ
ଭିତରେ
ରହିଲେ ।
13


ନୋହ ଗୋଟିଏ ଝରକା ଖୋଲି
ଏକ ଡାମରା କାଉ ଓ କାପ୍ତାକୁ
ବାହାରକୁ ଉଡ଼ାଇ ଦେଲେ ।
ସେତେବେଳେ ପୃଥିବୀ ଜଳଛାଦିତ
ଥିବାରୁ କାପ୍ତା ଆପଣା ପାଦ ରଖିବାକୁ
ସ୍ଥାନ ନ ପାଇ ଜାହାଜକୁ
ନେଉଟି ଆସିଲା ।
14
















ନୋହ ଏବଂ ମହାପ୍ରଳୟ ଜଳପ୍ଲାବନ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଆଦିପୁସ୍ତକ ୬-୧୦

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।